## ସାମାଜିକ କର୍ମୀଙ୍କ ପରଲୋକ

**କଣିହାଁ,(ଡି.ଏନ.ଏ.):** କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ପଞ୍ଚାୟତ ଛେଳଆ ଗ୍ରାମର ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ(୯୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପି, ମିଷ୍ଟଭାଷୀ ଏବଂ ପରୋପକାରୀ ମଣିଷ ଥିଲେ। ତାଙ୍କ ଶେଷକୃତ୍ୟ ସମୟରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନରୁ ଓହରିଲେ ଅଞ୍ଚଳବାସୀ

**କଣିହାଁ,୩୦।୮(ସ୍ୱ.ପ୍ର.)**

କଣିହାଁ କୋଇଲା ଖଣି ଅଞ୍ଚଳରେ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ଖଣି କର୍ତ୍ତୃପକ୍ଷ ସୋମବାର କାଟି ଦେବାରୁ ଏହାକୁ ବିରୋଧ କରି ଜରଡ଼ା ଗ୍ରାମ କମିଟି ସହିତ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ହୋଇଥିବା ବୈଠକ ସଫଳ ହେବାପରେ ଅଞ୍ଚଳବାସୀ ଆନ୍ଦୋଳନରୁ ଓହରିଛନ୍ତି। ପ୍ରକାଶ ଯେ, ଖଣି କର୍ତ୍ତୃପକ୍ଷ ଉକ୍ତ ରାସ୍ତା କାଟିଦେବା ଦ୍ୱାରା ଜରଡ଼ା, ବଡ଼ତ୍ରିବିଡ଼ା, ସାନତ୍ରିବିଡ଼ା ପଞ୍ଚାୟତବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରି ଜୋରଦାର ଆନ୍ଦୋଳନ କରିଥିଲେ। ଦିନତମାମ ଆନ୍ଦୋଳନ ଜାରି ରହିଥିବା ବେଳେ ମଙ୍ଗଳବାର ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଜରଡ଼ା ଗ୍ରାମ ସଭାପତି ସାଧୁରାମ ସାହୁ କହିଛନ୍ତି, ଅପରାହ୍ନ ୩ଟା ବେଳେ ଆଲୋଚନା ହୋଇଥିଲା। ରାସ୍ତା କଟାଗଲେ ମଧ ଲୋକଙ୍କ ଯାତାୟାତ ପାଇଁ ସୁବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ତେଣୁ ଆନ୍ଦୋଳନ ହଟିଯାଇଛି। କୋଇଲା ଖଣି ଜିଏମ୍ କିଶୋର କୁମାର ରାଉଳ କହିଛନ୍ତି, ଗ୍ରାମବାସୀଙ୍କ ସୁବିଧାକୁ ନଜରରେ ରଖି ବିଧି ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରାଯିବ।

# ଯୁବକଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୩୦।୮**

ଅନୁଗୋଳ ଜିଲା କୋଲିୟରୀ ଥାନା ଚାଳଗଡ଼ ଅଞ୍ଚଳର ଯୁବକ ଦିଲୀପ କୁମାର ସାମଲଙ୍କୁ ସୋମବାର ରାତିରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଦିଲୀପଙ୍କ ସ୍ତ୍ରୀ ଓ ପଡ଼ୋଶୀ ବିଜୟ ଦାସ ଏହି ଘଟଣା ଘଟାଇଥିବା ଦିଲୀପଙ୍କ ମା' ରୋଦନା ସାମଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୩୧/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ସେ ଅଧିକ କିଛି କହିବାକୁ ମନା କରିଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଦିଲୀପଙ୍କୁ ଗତ ୨୮ ତାରିଖରେ ବିଜୟ ସେଣ୍ଟ୍ରାଲ ହସ୍ପିଟାଲ ପାଖରେ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଜଣେ ଏଏସ୍ଆଇ ଆସି ତଦନ୍ତ କରିଥିଲେ। ଏହି ସମୟରେ ଦିଲୀପଙ୍କୁ ବିଜୟ ଗାଳି ଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ତେଣୁ ବିଜୟ ସୋମବାର ରାତିରେ ଦିଲୀପଙ୍କ ସ୍ତ୍ରୀଙ୍କ ସହ ମିଶି ଦିଲୀପଙ୍କୁ ହତ୍ୟା କରିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଛି।

# ପାଣିପଞ୍ଚାୟତ ନୂତନ କମିଟି ଗଠନ

**ଛେଣ୍ଡିପଦା, ୩୦।୮ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ପୁରୁଣାଗଡ଼ ଗ୍ରାମ ବରାଳବାଲୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ୨ ନମ୍ବର ପାଣି ପଞ୍ଚାୟତ ଗଠନ କରାଯାଇଛି। ଗ୍ରାମର ସମସ୍ତ କୃଷକ ଉପସ୍ଥିତ ରହି ୨୭ ଜଣ ପ୍ରାଥମିକ ସଭ୍ୟ ଚୟନ କରିଥିଲେ। ସେଥିମଧ୍ୟରୁ ୯ ଜଣଙ୍କୁ ନିର୍ବାହୀ ସଭ୍ୟ ମନୋନୀତ କରାଯାଇଥିଲା। ସଭାପତି ଭାବେ ସୁଧାକର ଗଡ଼ନାୟକ, ସମ୍ପାଦକ ପୀତବାସ ବିଶ୍ୱାଳ, କୋଷାଧ୍ୟକ୍ଷ ଅଜୟ କୁମାର ଗଡ଼ନାୟକ ଓ ସଭ୍ୟ ଭାବେ ସନ୍ତୋଷ ସାହୁ, ଅଜିତ କୁମାର ବିଶ୍ୱାଳ, ରୋହିତ କୁମାର ସାହୁ, ରଞ୍ଜନ କୁମାର ପ୍ରଧାନ, ଶମ୍ଭୁନାଥ ପ୍ରଧାନ, ଦେବ ରଞ୍ଜନ ଗଡ଼ନାୟକଙ୍କୁ ମୋନନୀତ କରାଯାଇଥିଲା। ସରପଞ୍ଚ ଅମରେଶ ନାଥ, କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବିଶ୍ୱାଳ ଓ ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ୩ ଗିରଫ

**ଅନୁଗୋଳ ଅଫିସ, ୩୦।୮:** ଅନୁଗୋଳ ସଦର ଥାନା ସାନକଞ୍ଜଣି ଅଞ୍ଚଳରେ ରହୁଥିବା ବୃଦ୍ଧା ବ୍ରାହ୍ମଣୀ ନାଏକଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ନଂ. ୬୫୮/୨୨ରେ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାନକଞ୍ଜଣି ଗ୍ରାମର ଶ୍ରୀକାନ୍ତ ନାଏକ(୨୨), ପ୍ରଶାନ୍ତ ନାଏକ(୨୩) ଓ କୁମୁରିସିଂହାର ସୁଦାମ ନାଏକ(୩୦)। ପ୍ରକାଶ ଯେ, ବ୍ରାହ୍ମଣୀ ଶୋଇଥିବାବେଳେ ବିଳମ୍ବିତ ରାତିରେ ୩ ଅଭିଯୁକ୍ତ ତାଙ୍କ ଘରେ ପଶିଥିଲେ। ଚୋରି କରିବା ସମୟରେ ବୃଦ୍ଧାଙ୍କ ନିଦ ଭାଙ୍ଗିଯିବାରୁ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ଅଭିଯୁକ୍ତମାନେ ତାଙ୍କୁ ଘର ବାହାରୁ ଡିଙ୍କିଆ ଦେଇ ଫେରାର ହୋଇଯାଇଥିଲେ। ଏପରି କି ଯିବା ସମୟରେ ଏକ ଛେଳି ଚୋରାଇ ନେଇଥିଲେ।

## ପାଣିରେ ବୁଡ଼ି ମହିଳା ମୃତ

**ଅନୁଗୋଳ ଅଫିସ, ୩୦।୮:** ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଅଞ୍ଚଳରେ ସୋମବାର ଏକ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଅଞ୍ଜଳି ଦେହୁରୀ(୫୦)ଙ୍କର ମୃତ୍ୟୁ ହୋଇଛି। ଅଞ୍ଜଳି ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଅପରାହ୍ନରେ ପୋଖରୀ ଭିତରେ ମହିଳା ଜଣଙ୍କ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବନ୍ତଲା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସୁଧୀର ସାଧାରଣ ସମ୍ପାଦକ

**ତାଳଚେର, ୩୦।୮ (ନି.ପ୍ର.):** ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ତାଳଚେର ଡେରା ଅଞ୍ଚଳର ସୁଧୀର ଖଣ୍ଡା ମନୋନୀତ ହୋଇଛନ୍ତି। ବରଗଡଠାରେ ଆୟୋଜିତ



୫ମ ସାଧାରଣ ଅଧିବେଶନରେ ଖଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଖଣ୍ଡା ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ କୈବର୍ତ୍ତ ମହାସଭାର ବିଭିନ୍ନ ପଦପଦବୀରେ ରହି ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ଆସିଛନ୍ତି। ଖଣ୍ଡାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ପଦବୀ ମିଳିଥିବାରୁ ବହୁ ସମର୍ଥକ ଓ ଶୁଭେଚ୍ଛୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ନୈତିକ ଶିକ୍ଷା ଉପରେ ଆଲୋଚନାଚକ୍ର




ଅତିଥି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଉଛନ୍ତି।

**ଭୁବନ, ୩୦।୮(ଡି.ଏନ୍.ଏ.)**

ଶିକ୍ଷାର୍ଥୀଙ୍କୁ ଶିକ୍ଷା ଯେତିକି ଜରୁରୀ, ସେତିକି ଆବଶ୍ୟକ ସଂସ୍କାର। ଯୁବପିଢ଼ି ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ଉତ୍ତମ ଚରିତ୍ର ଗଠନ ସହ ସଂସ୍କାର, ବ୍ୟକ୍ତିତ୍ୱକୁ ଗୁରୁତ୍ୱ ଦେଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ 'ମୋ କଲେଜ ଅଭିଯାନ' ପକ୍ଷରୁ ମଙ୍ଗଳବାର ଆୟୋଜିତ ନୈତିକ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଆହ୍ୱାନ ଦେଇଛନ୍ତି କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ। ଧରାବନ୍ଧ ଜୀବନଶୈଳୀରୁ ବାହାରି ବିକାଶରେ ସାମିଲ ହେବାକୁ ଉପଜିଲାପାଳ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନିବେଦନ କରିଛନ୍ତି।

କଲେଜ ଅଧ୍ୟକ୍ଷ ଅଜିତ୍ ବେହେରା ଅଧ୍ୟକ୍ଷତା କରି କହିଲେ, ଏଣିକି ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ବାଧ୍ୟତାମୂଳକ। ଏଥିଲାଗି ୨୫ ମାର୍କର ପରୀକ୍ଷା କରାଯିବ। ୨୦୨୧-୨୨ ଶିକ୍ଷାବର୍ଷରୁ ଏହା ଆରମ୍ଭ ହେଉଛି ବୋଲି ଅଧ୍ୟକ୍ଷ ବେହେରା ସୂଚନା ଦେଇଛନ୍ତି।

### ଲକ୍ଷ୍ୟରୁ ପଥଚ୍ୟୁତ ନ ହେବାକୁ ପରାମର୍ଶ

ମୋ କଲେଜ ଅଭିଯାନର ସଂଯୋଜକ ତଥା ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ଜେନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ତର୍କଶାସ୍ତ୍ର ଅଧ୍ୟାପିକା ଡ. ଶ୍ରାବଣୀ କଳ୍ପନା, ବାଣିଜ୍ୟ ବିଭାଗ ଅଧ୍ୟାପିକା ସୋମ୍ୟାଶ୍ରୀ ବେହେରା ଯୋଗଦେଇ ଗୁଣାତ୍ମକ ଓ ସଂସ୍କାରଧର୍ମୀ ଶିକ୍ଷା ଉପରେ ଛାତ୍ରୀଛାତ୍ର ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଉପଲକ୍ଷେ ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। 'ଅମୃତ ମହୋତ୍ସବ' ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଥିଲେ।

# କ୍ଷତିପୂରଣ ଦାବିରେ ରେଞ୍ଜ କାର୍ଯ୍ୟାଳୟ ଘେରାଉ




ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ବଇଣ୍ଡା,୩୦।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ରେଞ୍ଜ କଦଳୀମୁଣ୍ଡା, ବାମୁର, ରଣିଆକଟା, ଓସ୍କାପାଲି, ହିମିତିରା, ଜଏରାଟ, ଧଉରାପାଲି ଆଦି ପଞ୍ଚାୟତରେ କିଛିମାସ ହେବ ହାତୀ ଉପଦ୍ରବ ଲାଗି ରହିଛି। ହେଲେ ବାମୁର ବନବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବନବିଭାଗ କର୍ମଚାରୀମାନେ ଚାଷୀଙ୍କୁ ଅଣଦେଖା କରୁଥିବାବେଳେ ଚାଷୀ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ମଙ୍ଗଳବାର କିଶୋରନଗର ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବାମୁର ରେଞ୍ଜ କାର୍ଯ୍ୟାଳୟ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାମୁର ଶିବମନ୍ଦିରଠାରୁ ବାହାରି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜଙ୍ଗଲ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଫରେଷ୍ଟରଙ୍କୁ ପ୍ରଦାନ କରାଯାଇଥିଲା। କମିଟି ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜୟ ରଥ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ପୀତାମ୍ବର ପ୍ରଧାନ, ଗୌର ସାହୁ, ବୈକୁଣ୍ଠ ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ଏ ନେଇ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯାଉଛି।

# 'ଶିଶୁ ଅଧିକାର ଆଇନ ପ୍ରଚାର କର'

**ଢେଙ୍କାନାଳ ଅଫିସ, ୩୦।୮:** ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିସରରେ ଜିଲା ଶିଶୁ ସୁରକ୍ଷା ଶାଖା ଆନୁକୂଲ୍ୟରେ କିଶୋର ନ୍ୟାୟ ଆଇନ-୨୦୧୫ ଅନ୍ତର୍ଗତ ସ୍ୱତନ୍ତ୍ର କିଶୋର ପୋଲିସ ଶାଖାର ସଦସ୍ୟଙ୍କୁ ନେଇ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଶିଶୁ ସୁରକ୍ଷା ଶାଖାର ଅଧ୍ୟକ୍ଷ ସରୋଜ କୁମାର ସେଠୀ ଯୋଗଦେଇ ଶିଶୁଙ୍କ ପାଇଁ ରହିଥିବା ଆଇନଗୁଡ଼ିକର ପ୍ରଚାର ପ୍ରସାର ଏବଂ ସଫଳ ରୂପାୟନ କରିବା ଲାଗି ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ପୋଲିସ କିଶୋର ଶାଖା ଅଧ୍ୟକ୍ଷ ତଥା କ୍ରାଇମ୍ ଡିଏସ୍ପି ନୀଳିମା ପଣ୍ଡା ଜିଲାର ସମସ୍ତ ଥାନା ଅଞ୍ଚଳରେ ଶିଶୁ ସୁରକ୍ଷା ଆଇନର ଯେପରି କୌଣସି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କିଶୋର ନ୍ୟାୟବୋର୍ଡ ସଦସ୍ୟ ପ୍ରକାଶ କୁମାର ସ୍ୱାଇଁ, ସସ୍ମିତା ପଟ୍ଟନାୟକ ଆଇନସହ ଦ୍ୱନ୍ଦ୍ୱରେ ରହୁଥିବା ଶିଶୁମାନଙ୍କ ବିଷୟରେ ଆଲୋଚନା କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ସଦସ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ନିବେଦିତା ରଥ, ଅକ୍ଷୟ ରଥ ପ୍ରମୁଖ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଶିକ୍ଷକ ପ୍ରମୋଦ ଆଚାର୍ଯ୍ୟ, ସ୍ୱତନ୍ତ୍ର କିଶୋର ପୋଲିସ ଶାଖାର ସମସ୍ତ ସଦସ୍ୟ, ଥାନାଧିକାରୀ, କର୍ମକର୍ତ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସୁରକ୍ଷା ଅଧିକାରୀ କ୍ଷୀରୋଦ କୁମାର ବେହେରା, ଆଇନ ପ୍ରଶିକ୍ଷଣ ଅଧିକାରୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଅଧିକାରୀମାନେ।

## ହଣ୍ଡପା ଏଟିଏମ୍‌ରୁ ଚୋରି

**ବଇଣ୍ଡା,୩୦।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ନିକଟରେ ଥିବା ଏକ ଏଟିଏମରୁ ସୋମବାର ବିଳମ୍ବିତ ରାତି ଚୋରି ହୋଇଛି। ଦୁର୍ବୃତ୍ତମାନେ ଏଟିଏମ ଭାଙ୍ଗିବାରେ ବିଫଳ ହେବା ପରେ ବ୍ୟାଟେରି ଗୁଡିକ ଚୋରି କରିନେଇଯାଇଛନ୍ତି। ଏ ନେଇ ଏଟିଏମ ପରିଚାଳକ ସ୍ମୃତିରଞ୍ଜନ ବେହେରା ମଙ୍ଗଳବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ହଣ୍ଡପା ଥାନା ନିକଟରେ ଥିବା ଏଟିଏମରେ ଦୁର୍ବୃତ୍ତମାନେ ପଶି ଲୁଟ ଉଦ୍ୟମ କରିଥିବାବେଳେ ବିଫଳ ହେବାରୁ ବ୍ୟାଟେରି ଚୋରି କରି ନେଇଯାଇଛନ୍ତି। ରାତ୍ରି ପାଟ୍ରୋଲିଂ ହେଉ ନ ଥିବାରୁ ଏପରି ଚୋରି ଘଟଣା ବଢୁଥିବା ହଣ୍ଡପା ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଏସ୍ପିଙ୍କଠାରେ ଅଭିଯୋଗ କରିଛନ୍ତି। ତୁରନ୍ତ ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କଡାକଡ଼ି କରିବା ସହ ଏଟିଏମ୍‌ଗୁଡିକ ସୁରକ୍ଷିତ ରଖିବା ପାଇଁ ସାଧାରଣରେ ଦାବି ହୋଇଛି।






















